# ଓଡିଶାରେ

## 'ଅନୁସୂଚୀତ ଜନଜାତି ଓ ଅନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି) ଆଇନ୍, ୨୦୦୬ ଓ ନିୟମାବଳୀ ୨୦୦୭ର କାର୍ଯ୍ୟକାରିତା- ଏକ ମାର୍ଗଦର୍ଶୀ ସଂକଳନ

## ଭୂମିକା

ଏହା ଭିତରେ ଅନୁସୂଚୀତ ଜନଜାତି ଓ ଅନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି) ଆଇନ୍, ୨୦୦୬ ଲାଗୁ ହେବାର ୨ବର୍ଷ ଏବଂ ଏହାର ନିୟମାବଳୀ ୨୦୦୭ ଲାଗୁ ହେବାର ବର୍ଷକ ଠାରୁ ଅଧିକ ସମୟ ବିତିଗଲାଣି; କିନ୍ତୁ ଓଡିଶାରେ ଏହାର କାର୍ଯ୍ୟକାରିତା ଅର୍ଥାତ୍ ଆଦିବାସୀ ଏବଂ ପୁରୁଷାନୁକ୍ରମେ ବସବାସ କରି ଆସୁଥିବା ଅନ୍ୟ ବନବାସୀମାନଙ୍କୁ ସେମାନଙ୍କ ଭୋଗଦଖଲରେ ଥିବା ଜଙ୍ଗଲଜମିର ହସ୍ତାନ୍ତରଣ ମୋଟେ ଘଟି ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ଗୋଟିଏ କାରଣ ହେଲା, ଏହି ଆଇନ୍ ଓ ନିୟମାବଳୀ ସମ୍ବନ୍ଧରେ ସଂପୃକ୍ତ ଜନସାଧାରଣ ଏବଂ ସରକାରୀ କର୍ମଚାରୀମାନଙ୍କ ଭିତରେ ଉପଯୁକ୍ତ ସଚେତନତା ଓ ସାଂଗଠନିକ ପ୍ରସ୍ତୁତି ନକରି ତରବରିଆ ଭାବେ ରାଜ୍ୟ ସରକାର ଗତ ମାର୍ଚ୍ଚ ୨୦୦୮ରେ ଦୁଇଦଫା ଗ୍ରାମସଭା/ପଲ୍ଲୀସଭାର ବୈଠକ ଡକାଇ ଜଙ୍ଗଲ ଅଧିକାର କମିଟି ଗଢାଇବାକୁ ଚାହିଁଲେ, ଯାହା ଫଳରେ ହୁଏତ୍ ସରକାରୀ ପରିସଂଖ୍ୟାନ ଅନୁଯାୟୀ ଜୁନ୍ ଶେଷ ସୁଦ୍ଧା ପ୍ରାୟ ୪୨,୦୦୦ କମିଟି ରାତାରାତି ଗଢିଉଠିଲା, କିନ୍ତୁ ସେମାନେ ନିଜର ମୌଳିକ କର୍ତ୍ତବ୍ୟ, ଅର୍ଥାତ୍ ଦାବୀଦାରମାନଙ୍କ ଠାରୁ ଦାବୀ ଆହ୍ୱାନ୍ କରି ସେଗୁଡିକ ଉପରେ ନିଷ୍ପତ୍ତି ନେବା ଏବଂ ଉପଖଣ୍ଡ-ସ୍ତରୀୟ କମିଟିର ଅନୁମୋଦନ ପାଇଁ ପ୍ରସ୍ତାବ ପଠାଇବା କ୍ଷେତ୍ରରେ ପାଦେ ସୁଦ୍ଧା ଆଗେଇ ପାରିଲେ ନାହିଁ । ଦ୍ୱିତୀୟ କାରଣ ହେଲା, ଜୁଲାଇ ୨୦୦୮ରେ ଓଡିଶା ହାଇକୋର୍ଟ ଅବସରପ୍ରାପ୍ତ ଜଙ୍ଗଲ ଅଧିକାରୀମାନଙ୍କ ସଂଗଠନ ତରଫରୁ ଦାଏର୍ ହୋଇଥିବା ଏକ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଦାବୀଦାରମାନଙ୍କୁ ପଟ୍ଟାପ୍ରଦାନ ଉପରେ ରହିତାଦେଶ ଜାରିକଲେ, ଯାହା ଫଳରେ ଆଇନ୍‌ର ମୂଳ ଉଦ୍ଦେଶ୍ୟର କାର୍ଯ୍ୟକାରିତା ସାମୟିକ ଭାବେ ବସ୍ତୁତଃ ଠପ୍ ହୋଇପଡିଲା । କିନ୍ତୁ ପରବର୍ତ୍ତୀ ସମୟରେ ଦିଗି ମୁର୍ମୁ ନାମକ ଜଣେ ଆଦିବାସୀଙ୍କ ଜନସ୍ୱାର୍ଥ ଆବେଦନକୁ ଶୁଣାଣି କରି ହାଇକୋର୍ଟ ଆଇନ୍ ଓ ନିୟମାବଳୀ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଉପରୋକ୍ତ ରହିତାଦେଶ ପ୍ରତ୍ୟାହୃତ ହୋଇଥିଲା । ଏହାର ଏକ ସୁଫଳ ପରିଣତି ହେଲା, ରାଜ୍ୟ ସରକାର ପୁଣି ଏହି ଆଇନ୍ ଓ ନିୟମାବଳୀକୁ ବିଧିମତେ କାର୍ଯ୍ୟକାରୀ କରିବା ପାଇଁ ତତ୍ପର ହୋଇପଡିଛନ୍ତି ।

ସେ ଯାହା ହେଉନା କାହିଁକି, ଯେହେତୁ ଏହି ଯୁଗାନ୍ତକାରୀ ଆଇନ୍‌ର କାର୍ଯ୍ୟକାରିତା ମୋଟ୍ ଉପରେ ନିର୍ଭର କରୁଛି ଆଦିବାସୀ ଓ ବନବାସୀ ଜନଗୋଷ୍ଠୀଙ୍କ କ୍ରିୟାଶୀଳତା ଉପରେ, ତେଣୁ ସେମାନଙ୍କ ଭିତରେ ଆଇନ୍ ଓ ନିୟମାବଳୀକୁ କେନ୍ଦ୍ର କରି ଉପଯୁକ୍ତ ସଚେତନତା ଓ ସାଂଗଠନିକ ପ୍ରସ୍ତୁତି ନିହାତି ଆବଶ୍ୟକ । ଆମେ ଲକ୍ଷ୍ୟ କଲୁ, ଏହା ଭିତରେ ରାଜ୍ୟ ସରକାରଙ୍କ ତରଫରୁ ଆଇନ୍ ଓ ନିୟମାବଳୀ ଉପରେ ଯେଉଁ ଓଡିଆ ପୁସ୍ତିକା ପ୍ରକାଶ ପାଇଛି, ତାହା ତହିଁର ପୂର୍ଣ୍ଣାଙ୍ଗ ସଂକଳନ ନୁହେଁ, ଏବଂ ବିଶେଷ କରି ସେଥିରେ ଅତ୍ୟାବଶକୀୟ ଫର୍ମଗୁଡିକ ସ୍ଥାନିତ ହୋଇପାରିନାହିଁ । ଏହାଛଡା କେତେକ ବେସରକାରୀ ସଂଗଠନ ତରଫରୁ ମଧ୍ୟ ଆଇନ୍ ଓ ନିୟମାବଳୀର ଓଡିଆ ଅନୁବାଦ ପ୍ରସାରଣ କରାଯାଇଛି, କିନ୍ତୁ ସେଥିରେ ମଧ୍ୟ ଏକ ଅତ୍ୟାବଶକ ଫର୍ମ ବାଦ୍ ପଡିବା ସହିତ ଅନେକ ସ୍ଥାନରେ ଭାଷାନ୍ତର କଲାବେଳେ ମୂଳ ଦଲିଲ୍‌ର ଭାବାର୍ଥ ବଳିଷ୍ଠ ଓ ପର୍ଯ୍ୟାପ୍ତ ଭାବେ ପ୍ରକାଶ ପାଇପାରିନାହିଁ ।

ସୁତରାଂ ଆଉ ଥରେ ମୂଳ ଆଇନ୍ ଓ ଏହାର ନିୟମାବଳୀର ଯଥାସମ୍ଭବ ନିର୍ଭୁଲ୍ ଓଡିଆ ଅନୁବାଦକୁ ନେଇ ଏକ ସଂକଳନ ପ୍ରକାଶ କରିବାକୁ ଆମେ ପ୍ରୟାସ କଲୁ । ଏହି ସଂକଳନରେ ଓଡିଶା ସରକାରଙ୍କ ଦ୍ୱାରା ଗେଜେଟ୍‌ରେ ପ୍ରକାଶିତ ହୋଇଥିବା ଉପଖଣ୍ଡ, ଜିଲ୍ଲା ଓ ରାଜ୍ୟ ସ୍ତରୀୟ କମିଟିର ଗଠନ ଏବଂ କାର୍ଯ୍ୟାବଳୀ ସଂବନ୍ଧୀୟ ବିଜ୍ଞପ୍ତିର ଓଡିଆ ଅନୁବାଦ ମଧ୍ୟ ସ୍ଥାନିତ ହୋଇଛି । ଏହାଛଡା ଗତ ୨୧ ନଭେମ୍ବର ୨୦୦୮ ତାରିଖର ଏକ ମାର୍ଗଦର୍ଶୀ ପରିପତ୍ର ମାଧ୍ୟମରେ ରାଜ୍ୟ ସରକାରଙ୍କ ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ତରଫରୁ ପ୍ରସାରିତ ହୋଇଥିବା ପୁନଃପୌନିକ ଜିଜ୍ଞାସାକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ।

ସଂପୃକ୍ତ ଦଲିଲ୍‌ଗୁଡିକର ଇଂରାଜୀକୁ ଓଡିଆରେ ଅନୁବାଦ କରିବା ତଥା ସେଗୁଡିକର ସଂକଳନ ପ୍ରସ୍ତୁତି କରିବାରେ ସମାଜକର୍ମୀ ଶ୍ରୀ ଚିତ୍ତ ବେହେରା ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଆମେ ତାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ । ପରିଶେଷରେ ଆମର ଆଶା, ଏହି ସଂକଳନଟି ଐତିହାସିକ ଜଙ୍ଗଲ ଅଧିକାର ଆଇନ୍‌ର କାର୍ଯ୍ୟକାରିତାରେ ଜଡିତ ଥିବା ଗ୍ରାମସ୍ତରୀୟ ନେତୃବୃନ୍ଦ, ପ୍ରଶାସନିକ ଗୋଷ୍ଠୀ ତଥା ବେସରକାରୀ ସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କର ଏକ ଦୈନନ୍ଦିନ ସହାୟକ ପୁସ୍ତିକା ରୂପେ ନିଶ୍ଚିତ ଭାବେ କାର୍ଯ୍ୟ କରିବ ।